# "ଉତ୍କଳ ପ୍ରଦୀପ"
# ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ସାମନ୍ତରାୟ



ଗାଁ'ର ନାଁ ପାଳସାହି। କାହିଁକି ଏମିତି ହେଲା ? ଅନେକ ଗପ କିମ୍ବା କିମ୍ବଦନ୍ତୀ ଯୋଡ଼ାଯାଇପାରେ ଏଥିପାଇଁ। ହେଲେ ସେମିତି କିଛି ଅର୍ଥ ନଥିଲା ଏ ନାମରେ। ଯଦିବା ଥିଲା ତାହା ସେମିତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ତେବେ ଏହି ଛୋଟିଆ ଗାଁ' ଟି ଦିନେ ଏତେ ଗୁରୁତ୍ୱ ବହନ କରିବ, ସେକଥା କେହି କଳ୍ପନା କରିନଥିବେ। ଗାଁ'ର ନାମକୁ ନେଇ କେହି ବଡ଼ ହୁଅନ୍ତିନାହିଁ। ଗାଁ'ର ନାମ ବଡ଼ ହୁଏ ବ୍ୟକ୍ତିକୁ ନେଇ ଓ ଏହା ଏକ ସିଦ୍ଧାନ୍ତ।

ପୁରୀ ଜିଲ୍ଲାର ପିପିଲି-କୋଣାର୍କରାସ୍ତାରେ ପ୍ରାୟ ୧୦କି.ମି. ଗଲେ ପଡ଼େ ଖେଲାର ବଜାର। ସେଠାରୁ ଉତ୍ତରଦିଗକୁ ୩କି.ମି. ଦୂର ଅତିକ୍ରମକଲେ ଯେଉଁ ଗ୍ରାମଟି ପଡ଼େ ତା'ର ନାମଟି ହେଉଛି ପାଳସାହି। ବାଲିପାଟଣା ଥାନାର ଏହି ପାଳସାହି ଗ୍ରାମଟି ହେଉଛି ଖୋର୍ଦ୍ଧା ଜିଲ୍ଲାର ଶେଷ ଗାଁ। ସେହି ଗ୍ରାମର ମୁଣ୍ଡକୁ ରାସ୍ତାକଡ଼ରେ ଏକ ନିରୋଳା ପରିବେଶ ମଧ୍ୟରେ ଆଶ୍ରମର ଭ୍ରମ ସୃଷ୍ଟି କରୁଥିବା ଫୁଲଫଳଭରା ପ୍ରାକୃତିକତା ମଧ୍ୟରେ ଆଖିରେ ପଡ଼େ "ଆଚାର୍ଯ୍ୟ ନିବାସ"। ତାହା ହେଉଛି ଓଡ଼ିଶାର ସ୍ୱନାମଧନ୍ୟ ଶିଶୁ ସାହିତ୍ୟିକ ତଥା 'ଟୁଇକୁ ମୂଷି' ଭଳି ଶିଶୁପତ୍ରିକାର ଜନ୍ମଦାତା ଓ ସଂପାଦକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ ସାଧନାପୀଠ। ସେଇଠି ସେ ଏବେ "ଉତ୍କଳ ପ୍ରଦୀପ" ନାମକ ଓଡ଼ିଆ ପ୍ରତିଭା ପରିଚୟ ଗ୍ରନ୍ଥର ସଂକଳନରେ ବ୍ୟସ୍ତ। ଏହାକୁ ଓଡ଼ିଶାର ବରପୁତ୍ରମାନଙ୍କର ବାଇଓଗ୍ରାଫିକାଲ ଏଣ୍ଡ୍ ସାଇକ୍ଲୋପେଡ଼ିଆଭାବରେ ମଧ୍ୟ ଗ୍ରହଣ କରାଯାଇପାରେ। ସାହିତ୍ୟିକ, ଗୀତିକାର, କଣ୍ଠଶିଳ୍ପୀ, ଅଭିନେତା, ଗାୟକ, ଶିକ୍ଷାବିତ୍, ଐତିହାସିକ, ସମ୍ପାଦକ, ସାମ୍ବାଦିକ, କ୍ରୀଡ଼ା ପ୍ରତିଭା, ବୈଜ୍ଞାନିକ, ଇଞ୍ଜିନିୟର, ବିଚାରପତି, ଆଇନଜୀବୀ, ଜ୍ୟୋତିଷ, ଚଳଚ୍ଚିତ୍ର, କେନ୍ଦ୍ର ତଥା ରାଜ୍ୟ ମନ୍ତ୍ରୀ, ବିଧାୟକ, ସହିଦ୍ ଜବାନ ଆଦି ୬୫ଟି ବିଭାଗରେ ବିଭକ୍ତକରି ନାମାନୁସାରେ ପ୍ରତିଭାମାନ ଜୀବନୀ ଓ କୃତିତ୍ୱସବୁକୁ ୭ଖଣ୍ଡି ପୁସ୍ତକରେ ସନ୍ନିବିଷ୍ଟ କରିଛନ୍ତି। ସେ ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ସାହିତ୍ୟିକ, ଗବେଷକ, ସଂଗ୍ରାହକ, ସଂଗଠକ ଓ କୋଷଗ୍ରନ୍ଥର ପ୍ରଣେତାଭାବେ ନିଜ ସ୍ଥିତି ଜାହିର କରିବା ସଙ୍ଗେ ସଙ୍ଗେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ସହ ଜାତୀୟସ୍ତରର ଅନେକ ପୁରସ୍କାର ପାଇ ଓଡ଼ିଆଭାଷା ବୃଦ୍ଧିରେ ସହାୟକ ହୋଇଛନ୍ତି। ଆଗରୁ ସାକ୍ଷାତ କରିବାର ଅନୁମତି ମାଗିଥିଲୁ। ତାରିଖ ଓ ସମୟ ଧାର୍ଯ୍ୟ ହୋଇଥିଲା। ବାହନର ଯାନ୍ତ୍ରିକ ତୃଟି ହେତୁ ଯାହା କିଛି ବିଳମ୍ବରେ ଆମେ ପହଞ୍ଚିଲୁ। ଆମଗାଡ଼ି ତାଙ୍କ ଘର ଫାଟକ ପାଖରେ ପହଞ୍ଚୁ ପହଞ୍ଚୁ ପାଖକୁ ଧାଇଁ ଆସିଲେ। ପାଛୋଟିନେଲେ ଘର ଭିତରକୁ। ବସେଇଲେ ତାଙ୍କ ସାଧନାକେନ୍ଦ୍ର ଭିତରେ। କଥାରେ ଭର୍ତ୍ତି ଆନ୍ତରିକତା। ଅବିରାମ କହିଚାଲିଥା'ନ୍ତି। ଅନେକଦିନ ହେଲା ଯେପରି ସିଏ କଥା କହିନଥିଲେ କିମ୍ବା ଆମରି ଅପେକ୍ଷାରେ ଥିଲେ। ଏତେ ଆପଣାପଣିଆ ଏଭଳି ମଣିଷମାନଙ୍କ ପାଖରେ କୋଉଠୁ ଆସେ କେଜାଣି ? ଲୋକଟିଏ ଦେଖିଲେ ଜଣେ କେତେ ଯେ ଆନନ୍ଦ ହୋଇପାରେ, ତା'ର ଉଦାହରଣ ହେଉଛନ୍ତି ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ସାମନ୍ତରାୟ। ଜଣେ ସରଳ, ମିଷ୍ଟଭାଷୀ, ସ୍ନେହୀ ତଥା ଆପଣାପଣରେ ଅନ୍ୟକୁ ବାନ୍ଧି ପାରୁଥିବା ସେହି ନିଆରା ବ୍ୟକ୍ତିତ୍ୱଙ୍କୁ ସାକ୍ଷାତ କରିଥିଲେ 'ଆମରିସତ୍ୟ'ର ସହ ସମ୍ପାଦକ ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଳ୍ପ)। ସେହି ବିଶେଷ ସାକ୍ଷାତକାରର କିଛି ଆଲେଖ୍ୟ:-

ପ୍ରଶ୍ନ- ଶିଶୁପତ୍ରିକା 'ଟୁଇକୁମୂଷୀ'ର ସମ୍ପାଦକଭାବେ ଆପଣ ଓଡ଼ିଶାର ଘରେ ଘରେ ପରିଚିତ। ଏହାକୁ ଆପଣ କିପରି ପରିକଳ୍ପନା କଲେ ?



ଉତ୍ତର- ଶିଶୁ ଓ ଶିଶୁ ସାହିତ୍ୟପ୍ରତି ପିଲାଟି ଦିନରୁ ଅନୁରାଗ ଥିଲା। ଶିଶୁ ହସିଲେ ସମାଜ ହସିବ ଓ ଶିଶୁଙ୍କୁ ମାନସିକ ସ୍ତରରେ ବଳିଷ୍ଠ କରିବା ପାଇଁ ଶିଶୁ ସାହିତ୍ୟର ଆବଶ୍ୟକତା ଅନୁଭବ କଲି। ସେତେବେଳେ ପ୍ରଜାତନ୍ତ୍ର ପ୍ରତିଷ୍ଠାନଦ୍ୱାରା ପ୍ରକାଶିତ 'ମୀନାବଜାର'ଟି ଶିଶୁମାନଙ୍କଦ୍ୱାରା ଗ୍ରହଣୀୟ ହୋଇପାରିଥିଲା; ମାତ୍ର ଯଥେଷ୍ଟ ନଥିଲା। ଏଣୁ ଅନ୍ୟ ଏକ ଶିଶୁପତ୍ରିକା ଭାବରେ ଟୁଇକୁମୂଷିର ପରିକଳ୍ପନା କଲି। ଏହା ଅନେକ ଘାତ ପ୍ରତିଘାତ ମଧ୍ୟରେ ଧାରାବାହିକଭାବେ ୧୯୭୧ରୁ ୧୯୯୬ ଯାଏଁ ପ୍ରକାଶିତ ହେଲା। ପରବର୍ତ୍ତୀ ସମୟରେ ଏହା ଅନେକ କାରଣ ପାଇଁ ବନ୍ଦ ହୋଇଗଲା।



ପ୍ରଶ୍ନ- କ'ଣ ସେସବୁ କାରଣ ଯାହା ପାଇଁ 'ଟୁଉକୁମୁଷି'ଭଳି ଏକ ସର୍ବାଦୃତ ପତ୍ରିକା ବନ୍ଦ ହୋଇଗଲା ?

ଉତ୍ତର- କାରଣ ତ ଅନେକ । ତେବେ ମୁଖ୍ୟ କାରଣସବୁ ହେଲା; ଅର୍ଥନୈତିକ, ପାରିବାରିକ ତଥା ବ୍ୟବସାୟିକ ବିଶ୍ୱାସଘାତକତା । ଏଜେଣ୍ଟମାନେ ବହି ନେଲେ, ବିକିଲେ; ମାତ୍ର ପଇସା ଦେଲେନାହିଁ ।

ପ୍ରଶ୍ନ- ଏସବୁ କାରଣ ବାଦେ ଅନ୍ୟ ଏକ କାରଣ ବି ହୋଇପାରେ, ଶିଶୁପତ୍ରିକାପ୍ରତି ଶିଶୁମାନଙ୍କର ମୋହଭଙ୍ଗ ହେଲା ? ସେମାନେ ସାମାଜିକ ବ୍ୟବସ୍ଥା ତଥା ବୈଜ୍ଞାନିକ ସାଧନ ଯୋଗୁଁ ହଠାତ୍ ବଡ଼ ହୋଇଯିବାର ଅନୁଭବକଲେ କି ?

ଉତ୍ତର- ନା, ଏହା ଠିକ୍ ନୁହେଁ । ଶିଶୁ ସବୁବେଳେ ଶିଶୁ । ସେମାନଙ୍କୁ କୌଣସି ବୈଜ୍ଞାନିକ ସାଧନ କେବେ ବି ବଡ଼ କରିଦେବନି । ଏଇଆ ହେବ ଯେ, ସେମାନଙ୍କ ରୁଚିରେ ପରିବର୍ତ୍ତନ ଆସିପାରେ ଏବଂ ସେହି ରୁଚିକୁ ଅନୁଧ୍ୟାନକରି ସେହି ଅନୁରୂପେ ଶିଶୁ ସାହିତ୍ୟିକମାନେ ଲେଖା ଲେଖିବା ଦରକାର । ଏବେ ବି ଅନେକ ଶିଶୁପତ୍ରିକା ସମୟୋପଯୋଗୀ ଲେଖା ସହ ବିଭିନ୍ନ ଭାଷାରେ ପ୍ରକାଶିତ ହେଉଛି ।

ପ୍ରଶ୍ନ- ଆପଣ ଏବେ ଗୋଟେ ବଡ଼କାମ ହାତକୁ ନେଇଛନ୍ତି । ଓଡ଼ିଆ ପ୍ରତିଭାମାନଙ୍କୁ ନେଇ 'ଉତ୍କଳ ପ୍ରଦୀପ' ନାମରେ କୋଷ-ଗ୍ରନ୍ଥ ପ୍ରଣୟନର ଭାବନା କିପରି ମନକୁ ଆସିଲା ?

ଉତ୍ତର- ଭାରତର ତଥା ବିଶ୍ୱର କୌଣସି ଭାଷାରେ ଏପରି ଉଦ୍ୟମ ହୋଇନାହିଁ । ବହୁଦିନ ତଳେ ମୁଁ ଗୁଜୁରାଟର 'ଅକ୍ଷରଧାମ ମନ୍ଦିର' ଦର୍ଶନ କରିବାପାଇଁ ଯାଇଥିଲି । ମୋର ବେଶଭୂଷାକୁ ଦେଖି ସେଠିକା ଜଣେ ମନ୍ଦିର ରକ୍ଷକ ମୋତେ ଜଣେ ସାଧୁ ବୋଲି ସମ୍ବୋଧନକରି ପଚାରିଲା (ହିନ୍ଦୀରେ), ବାବାଜୀ, ଆପଣ କୋଉଠୁ ଆସିଛନ୍ତି ? ମୁଁ କହିଲି, ମୁଁ ଓଡ଼ିଶାର ଜଗନ୍ନାଥଧାମରୁ ଆସିଛି । ସେ ଏକଥା ଶୁଣି ବିମୋହିତ ହୋଇଗଲା । ସିଧାହୋଇ ମୋର ଗୋଡ଼ତଳେ ପଡ଼ିଗଲା । କହିଲା, ଧନ୍ୟ ହୋଇଗଲି ପ୍ରଭୁ ଇତ୍ୟାଦି ଇତ୍ୟାଦି....... । ସେଇଠୁ ଗୋଟେ ଅଜବଚିନ୍ତା ମନକୁ ଆସିଲା । ଭାବିଲି, ଯୋଉ ଓଡ଼ିଶାର ଠାକୁରଙ୍କ କଥା ଶୁଣି ଜଣେ ଏତେ ତନ୍ମୟ ହୋଇଯାଏ ଓ ସେହି ପାଣିପବନରେ ଗଢ଼ା ମୋଭଳି ଜଣେ ବ୍ୟକ୍ତିର ପାଦସ୍ପର୍ଶ କରିବାକୁ କୁଣ୍ଠିତ ହୁଏନାହିଁ, ସେ ମାଟିର ପ୍ରତ୍ୟେକ ପ୍ରତିଭା ପାଖରେ ସେହି ଦେବତ୍ୱ ନିଶ୍ଚୟ ଭରିରହିଛି । ସେଇଠୁ ଆରମ୍ଭ ହେଲା 'ଉତ୍କଳ ପ୍ରଦୀପ'ର ନକ୍ସା । ପ୍ରତିଭାମାନଙ୍କୁ ଖୋଜିବାରେ ଲାଗିପଡ଼ିଲି । ଏବେ ବି ଖୋଜୁଛି । କେବେ ଶେଷ ହେବ ଜାଣିନି ।

ପ୍ରଶ୍ନ- କିପରି ଭାବରେ ଏହାକୁ ବର୍ଗୀକରଣ କରିଛନ୍ତି ?

ଉତ୍ତର- ବିଭିନ୍ନ କ୍ଷେତ୍ରର ପ୍ରତିଭାଧାରୀମାନଙ୍କୁ ୬୫ଟି ବିଭାଗରେ ବିଭକ୍ତ କରାଯାଇଛି । ଯଥା- ସାଧୁସନ୍ଥ ଓ ଅଧ୍ୟାତ୍ମବାଦୀ, ରାଜା ମହାରାଜା, ରାଜମହିଷୀ, ସଂଗ୍ରାମୀ ଓ ବିପ୍ଳବୀ, କବି ଓ ଲେଖକ, କଥାକାର, ଗୀତିକାର, ଔପନ୍ୟାସିକ, ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ, ସଂଗୀତଗୁରୁ, କଣ୍ଠଶିଳ୍ପୀ, ପାଲା, ଦାସକାଠିଆ ଗାୟକ, ଅଭିନେତା, ଗବେଷକ, ଐତିହାସିକ, ବୈଜ୍ଞାନିକ, ଚିକିତ୍ସକ, ପତ୍ରପତ୍ରିକା ସଂପାଦକ ସାମ୍ବାଦିକ, ଇଞ୍ଜିନିୟର, ପ୍ରଶାସକ, ବିଧାୟକ, ସାଂସଦ, ସଂଗ୍ରାହକ ଇତ୍ୟାଦି । ବିଭାଗ ଅନୁସାରେ ପ୍ରତିଭାମାନଙ୍କ ନାମକୁ ଅକ୍ଷରକ୍ରମରେ ସଜାଇ ସେଥିରେ ସେମାନଙ୍କ କୃତି ଓ କୃତିତ୍ୱ ବିଷୟରେ ଆଲୋଚନା କରାଯାଇଛି । ଏହା ମୋଟରେ ୭ ଖଣ୍ଡରେ ପ୍ରକାଶ ପାଇବ । 'ଅ' ଠାରୁ 'ପ' ଅକ୍ଷରକୁ ନେଇ ଏ ପର୍ଯ୍ୟନ୍ତ ୩ଖଣ୍ଡରେ ପ୍ରାୟ ସାତ ହଜାର ପ୍ରତିଭା ସ୍ଥାନ ପାଇ ସାରିଲେଣି । ଅନ୍ୟ ସବୁ ପ୍ରସ୍ତୁତିପଥେ ଥିବାବେଳେ ୧ମ ଖଣ୍ଡରେ ( ଅ ଠାରୁ ଔ) ବାଦ ପଡ଼ିଥିବା ନାମକୁ ନେଇ ତାହା ପୁଣି୨ୟ ସଂସ୍କରଣଭାବେ ପ୍ରକାଶ ପଇବାକୁ ଯାଉଛି ।

ପ୍ରଶ୍ନ- ଆଉ କ'ଣ ଆଶା ରଖିଛନ୍ତି ?

ଉତ୍ତର- ଜୀବନରେ ଯାହା ଆଶା କରିଛି ତାହା ପାଇଛି । ଅବଶ୍ୟ ସେଥିପାଇଁ ଉଦ୍ୟମ କରିଛି । ପିଲାଙ୍କପାଇଁ ଶହେରୁ ଅଧିକ ପୁସ୍ତକ ଲେଖିଛି ।  ବହୁ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ହୋଇଛି । ଅନେକ ପତ୍ରିକାର ସଂପାଦନା କରିଛି । ପ୍ରାୟ ୪୦ଟି ଅନୁଷ୍ଠାନରୁ ପୁରସ୍କୃତ ହୋଇଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କେନ୍ଦ୍ରର ଅନେକ ପୁରସ୍କାର ହାତେଇଛି । ଆଉ ଆଶା କ'ଣ କରିବି ? 'ଉତ୍କଳ ପ୍ରଦୀପ'ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଧାରହିଛି । ଜୀବଦ୍ଦଶା ମଧ୍ୟରେ ସାରିବାକୁ ଆଶାରଖିଛି ।

ପ୍ରଶ୍ନ- ଅବସର ଜୀବନକୁ ନେଇ କେତେ ଖୁସି ଅଛନ୍ତି ?

ଉତ୍ତର- (ହସିଲେ) କହିଲେ ଅବସର ଆସିଲା କୋଉଠୁ ? ବୃତିଗତ ଜୀବନର ଅବସର ଯଦି ପଚାରୁଥା'ନ୍ତି, ତେବେ ତାହା ୨୦୦୪ ମସିହାରୁ ଶେଷ ହୋଇଯାଇଛି । ତା'ପରେ ପ୍ରବୃତ୍ତି ମୋତେ ଏପରି ଜାବୁଡ଼ି ଧରିଛି ଯେ, ଅବସର ଚାହିଁଲେ ବି ପାଇପାରୁନି । ସକାଳ ୫.୩୦ ରୁ ୮ଟା, ୮.୩୦ ରୁ




୧୧ଟା ଓ ଦିନ ୨ଟା ରୁ ସଂଧ୍ୟା ପର୍ଯ୍ୟନ୍ତ ମୁଁ ମୋର କାମକୁ ନେଇ ବ୍ୟସ୍ତ। ଏଥିରେ ହିଁ ମୁଁ ପ୍ରକୃତ ଆନନ୍ଦ ପାଉଛି।

(ଲକ୍ଷ୍ୟ କଲି ଓଡ଼ିଶାର ପ୍ରାୟ ସମସ୍ତ ଶିଶୁ ସାହିତ୍ୟିକମାନଙ୍କ ଫଟୋଗୁଡ଼ିକୁ ବନ୍ଧେଇକରି ସୁନ୍ଦରଭାବରେ କାନ୍ଥ ଚାରିପଟେ ସଜାଇ ରଖିଛନ୍ତି। ଅନେକ ହଜି ଯାଉଥିବା ପୁସ୍ତକ ଏପରିକି ଅନେକ ମାସିକ ଶିଶୁପତ୍ରିକାଗୁଡ଼ିକୁ ଏକାଠି ବନ୍ଧେଇକରି ଥାକରେ ସଜାଇ ରଖିଛନ୍ତି ଓ ପିଲାମାନଙ୍କୁ ପଢ଼ିବାପାଇଁ ପ୍ରୋତ୍ସାହିତ କରୁଛନ୍ତି। ଆମେ ଥିବାବେଳେ ଦଳେ ଛୋଟପିଲା ବହି ନେବାକୁ ଆସିଲେ। ସେମାନଙ୍କୁ କହିଲେ ଅତିଥିମାନେ ଆସିଛନ୍ତି, ସେମାନେ ଯାଇସାରନ୍ତୁ। ଉପରବେଳାକୁ ଆସି ବହି ନେଇଯିବ।)

ପ୍ରଶ୍ନ- ଆପଣଙ୍କ ଜୀବନର ଦୁଃଖ କ'ଣ?

ଉତ୍ତର- ଦୁଃଖ ଦୁଇଥର ପାଇଛି। ଯୋଉଦିନ ଟୁଉକୁ ମୂଷିର ପ୍ରକାଶନ ବନ୍ଦ ହେଲା, ତାହା ଥିଲା ମୋ ଜୀବରେ ସବୁଠାରୁ ବଡ଼ ଧକ୍କା। ସେହିଦିନ ଅନୁଭବକଲି ପ୍ରକୃତ ହାରିବା କାହାକୁ କହନ୍ତି। ଦ୍ୱିତୀୟ ଦୁଃଖ ଥିଲା ପତ୍ନୀ ଜାନକୀଙ୍କ ବିୟୋଗ।

ଜଣେ ଉଚ୍ଚଦରର ଶିକ୍ଷକ ଓ ସଂଗଠକଭାବେ ନିଜଗ୍ରାମରେ ପ୍ରାଇମେରୀ ସ୍କୁଲଠାରୁ ଅପର ପ୍ରାଇମେରୀ ଓ ହାଇସ୍କୁଲ ପ୍ରତିଷ୍ଠା କରିବା, ଶିଶୁ ସାହିତ୍ୟ ଓ ପତ୍ରିକା ପ୍ରକାଶ କରିବା ତାଙ୍କର ଶିଶୁମାନଙ୍କ ପ୍ରତି ଥିବା ଆତ୍ମୀୟତାକୁ ସୂଚାଇଦେବା ସଙ୍ଗେ ସଙ୍ଗେ ସାମାଜିକ ଦାୟିତ୍ୱବୋଧର ସଙ୍କେତ ଦିଏ। ନିଜ ହାତରେ ବଢ଼େଇଥିବା ଓ ଯତ୍ନ ନେଉଥିବା ଉଦ୍ୟାନଟିକୁ ଦେଖିଲେ, ବୀରେନ୍ଦ୍ରବାବୁଙ୍କ ପରିବେଶପ୍ରୀତିକୁ ମଧ୍ୟ ଅନୁଭବ କରିହୁଏ। ପନିପରିବାଠାରୁ ଔଷଧୀୟ ଗୁଳ୍ମ ଓ ବୃକ୍ଷରାଜିରେ ପରିପୂର୍ଣ୍ଣ ଉଦ୍ୟାନଟି ସେହି କିଛି ସମୟର ରହଣି ମଧ୍ୟରେ ଆମକୁ ସ୍ୱର୍ଗର ନନ୍ଦନକାନନର ଭ୍ରମ ସୃଷ୍ଟି କରେଇଦେଲା। ସମୟ ରତରତ। ଆମେ ଫେରିବାକୁ ଉପକ୍ରମ କରୁଥିବାବେଳେ ସେ ମହାଶୟ, ବାଡ଼ିକଦଳୀ, କରମଙ୍ଗା, ପାଳଙ୍ଗଶାଗ, ବିଲାତି ବାଇଗଣ ଆଦି ଅମେ ଆଣିବାପାଇଁ ପ୍ରସ୍ତୁତ କରି ରଖିଥିଲେ। ସତରେ ଏତେ ଆତ୍ମୀୟତା କାହିକି ଓ କୋଉଠୁ ଆସେ? ତା'ର ଉତ୍ତର କେବଳ ଜାଣନ୍ତି ଜଣେ ମଣିଷ ଓ ସେ ହେଉଛନ୍ତି ଯୋଗଜନ୍ମା ସାଧକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ସାମନ୍ତରାୟ। 'ଆମରି ସତ୍ୟ' ପରିବାର ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି। ତାଙ୍କର ଆଶା ସାକାର ହେଉ, ଚଲାପଥ ପୁଷ୍ପିତ ହେଉ। ଜଗନ୍ନାଥ ସହାୟ ହୁଅନ୍ତୁ।

# ସ୍ୱାଗତଂ

**ଶାନ୍ତିଲତା ସାହୁ**

ସଜାଅ ସଜାଅ ଏବେ ବନ୍ଦାଣ ଥାଳି,
ଘରେ ଘରେ ଜାଳିଦିଅ ଶୁଭ ଦିପାଳୀ।
ପୁରୁଣା ଦିନ ଯେ ଏବେ ବିଦାୟ ନିଏ,
ନୂତନର ଆଗମନେ କାନରେ କହେ।
ଗଲାଦିନ ଦୁଃଖ ସବୁ ଭୁଲିବା,
ସ୍ମରଣୀୟ ଦିନ ସବୁ ମନେ ରଖିବା।
ହସାଇଛି କନ୍ଦାଇଛି ଏହି ବରଷ,
ନୂଆ ବରଷରେ ମନ ହେଉ ହରଷ।
ରାଗ-ହିଂସା-କ୍ରୋଧ କିଛି ନରଖି ମନେ,
ନିଜେ ହସି ହସାଇବା ସକଳ ଜନେ।
ନୂଆ ବରଷର ଏଇ ନୂଆ ଶପଥ,
ରଖିବାକୁ ଶକ୍ତି ଦିଅ ହେ ଜଗନ୍ନାଥ।
ତୁମ୍ଭ ପାଦ ପଦ୍ମ ତଳେ ମୋ ମନ ଥାଉ,
ଆଗାମୀ ବରଷ ସର୍ବ ଶୁଭରେ ଯାଉ।
ଏତିକି ମୋ ନିବେଦନ ଜଗତପତି,
ହସୁ ମୋ ଓଡିଶା ମାଟି ହସୁ ଧରିତ୍ରୀ।
ସବୁ ହସ- ଲୁହ ପ୍ରଭୁ ତୁମରି ଦାନ,
ତୁମ ଇଛା ବିନା କିଛି ହୁଏନା ପୂର୍ଣ୍ଣ।
ସେଥିପାଇଁ ସେ ପାଦରେ ଶରଣ ଗଲି,
ଶରଣ ରକ୍ଷକ ବୋଲି ଆସରା କଲି।
ମୋ ଦେଶ ବାସୀଙ୍କ ପାଇଁ ନୂଆବରଷ,
ସର୍ବ ସୁଖ ନେଇ ଆସୁ ଦିଅ ଆଶିଷ।

ରାଣୀହାଟ, କଟକ